# ରାଜ୍ୟ ସିଲେକ୍‌ସନ ବୋର୍ଡ, ଓଡିଶା ପୋଲିସ୍, କଟକ

## ବାଟାଲିୟନ ମାନଙ୍କରେ ସିପାହୀ / କନେଷ୍ଟବଳ ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞାପନ

ରାଜ୍ୟ ଆରକ୍ଷୀ ବିଭାଗରେ ନିମ୍ନଲିଖିତ ଓ.ଏସ୍.ଏ.ପି.(Orissa Special Armed Police) ବାଟାଲିୟନ ରେ ୧୬୨୧ ଟି ଖାଲିଥିବା ସିପାହୀ ଓ ଆଇ.ଆର.ବାଟାଲିୟନ (India Reserve Battalion) ରେ ଖାଲିଥିବା ୧୬୫୦ ଟି କନେଷ୍ଟବଳ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତଗୁଡିକ ସମ୍ପୃକ୍ତ କମାଣ୍ଡାଣ୍ଟ/ଡିସିପି (ଆର୍ମଡ୍) (DCP Armed) ଙ୍କ କାର୍ଯ୍ୟାଳୟରେ ତା-୩୧.୧୦.୨୦୧୧ ରିଖ ( ଏକତିରିଶ୍ ଅକ୍‌ଟୋବର, ଦୁଇ ହଜାର ଏଗାର ମସିହା) ସୁଦ୍ଧା ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

### ୧. ଖାଲିଥିବା ସିପାହୀ ପଦବୀ ସଂଖ୍ୟା

| କ୍ରମିକ ସଂଖ୍ୟା | ବାଟାଲିୟନର ନାମ | ଖାଲିଥିବା ପଦବୀ ସଂଖ୍ୟା |
|---|---|---|
| ୧. | ଓ.ଏସ୍.ଏ.ପି.୧ମ ବାଟାଲିୟନ, ଖମାର ସାହି, ଢେଙ୍କାନାଳ | ୩୫୨ |
| ୨. | ଓ.ଏସ୍.ଏ.ପି.୩ୟ ବାଟାଲିୟନ, କୋରାପୁଟ | ୩୮୬ |
| ୩. | ଓ.ଏସ୍.ଏ.ପି.୪ର୍ଥ ବାଟାଲିୟନ, ସେକ୍‌ଟର-୨୧, ନୟାବଜାର, ରାଉରକେଲା | ୨୦୫ |
| ୪. | ଓ.ଏସ୍.ଏ.ପି.୫ମ ବାଟାଲିୟନ, ରଙ୍ଗମାଟିଆ, ବାରିପଦା | ୧୭୮ |
| ୫. | ଓ.ଏସ୍.ଏ.ପି.୬ଷ୍ଠ ବାଟାଲିୟନ, ଓ.ଏମ୍.ପି. ଛକ, କଟକ | ୧୪୨ |
| ୬. | ଓ.ଏସ୍.ଏ.ପି.୭ମ ବାଟାଲିୟନ, ଚନ୍ଦ୍ରଶେଖରପୁର, ନାଲକୋ ଛକ, ଭୁବନେଶ୍ୱର | ୧୫୭ |
| ୭. | ଓ.ଏସ୍.ଏ.ପି.୮ମ ବାଟାଲିୟନ, ଅଗସ୍ତି ନୂଆଗାଁ, ଛତ୍ରପୁର, ଗଞ୍ଜାମ | ୨୦୦ |
| | **ସମୁଦାୟ ପଦବୀ ସଂଖ୍ୟା** | **୧୬୨୧** |

**ଖାଲିଥିବା କନେଷ୍ଟବଳ ପଦବୀ ସଂଖ୍ୟା:**

| **କ୍ରମିକ ସଂଖ୍ୟା** | **ଆଇ.ଆର. ବାଟାଲିୟନର ନାମ** | **ଖାଲିଥିବା ପଦବୀ ସଂଖ୍ୟା** |
|---|---|---|
| ୧. | ୧ମ ଆଇ.ଆର.ବାଟାଲିୟନ, ଅପରକୋଲାବ, କୋରାପୁଟ | ୪୦୯ |
| ୨. | ୨ୟ ଆଇ.ଆର. ବାଟାଲିୟନ, ଗୁଣୁପୁର ଥାନା ପରିସର, ଜିଲ୍ଲା- ରାୟଗଡା | ୩୧୫ |
| ୩. | ୩ୟ ଆଇ.ଆର. ବାଟାଲିୟନ, ସା-ରଙ୍ଗିଟାଙ୍ଗର, ଭାୟା-ସନସାଇଲୋ, କଳିଙ୍ଗନଗର, ପୋ- ସୁକିନ୍ଦା, ଜି- ଯାଜପୁର | ୨୭୫ |
| ୪. | ୪ର୍ଥ ଆଇ.ଆର. ବାଟାଲିୟନ, ସାରତୋଳା ପୋଲିସ୍ କଲୋନୀ, ଦେବଗଡ | ୨୭୪ |
| ୫. | ୫ମ ଆଇ.ଆର. ବାଟାଲିୟନ, ଆରକ୍ଷୀ ଅଧୀକ୍ଷଙ୍କ କାର୍ଯ୍ୟାଳୟ, ବୌଦ୍ଧ | ୨୧୭ |
| ୬. | ୬ଷ୍ଠ ଆଇ.ଆର. ବାଟାଲିୟନ, ଖୋର୍ଦ୍ଧା | ୧୬୦ |
| | **ସମୁଦାୟ ପଦବୀ ସଂଖ୍ୟା** | **୧୬୫୦** |

ବିଭିନ୍ନ ବର୍ଗ ଯଥା ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି / ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ / ଅବସରପ୍ରାପ୍ତ ସାମରିକ କର୍ମଚାରୀ / କ୍ରୀଡାବିତ ପ୍ରାର୍ଥୀମାନଙ୍କ ନିମନ୍ତେ ସଂରକ୍ଷଣ ନିୟମ ଓ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି ।

**୨. ଶାରୀରିକ ମାପ / ଦକ୍ଷତା ପରୀକ୍ଷା ନିମନ୍ତେ ନିଯୁକ୍ତି ପରୀକ୍ଷା କେନ୍ଦ୍ର :**

| **କ୍ରମିକ ସଂଖ୍ୟା** | **ବାଟାଲିୟନର ନାମ** | **ନିଯୁକ୍ତି ପରୀକ୍ଷା କେନ୍ଦ୍ର** |
|---|---|---|
| ୧. | ଓ.ଏସ୍.ଏ.ପି.୧ମ ବାଟାଲିୟନ, ଢେଙ୍କାନାଳ | ରିଜର୍ଭ ପୋଲିସ୍ ଲାଇନ୍ ପଡିଆ, ଖମାର ସାହି, ଢେଙ୍କାନାଳ |
| ୨. | ଓ.ଏସ୍.ଏ.ପି.୩ୟ ବାଟାଲିୟନ, କୋରାପୁଟ | ବାଟାଲିୟନ ପ୍ୟାରେଡ୍ ପଡିଆ, କୋରାପୁଟ |
| ୩. | ଓ.ଏସ୍.ଏ.ପି.୪ର୍ଥ ବାଟାଲିୟନ, ରାଉରକେଲା | ବାଟାଲିୟନ ପ୍ୟାରେଡ୍ ପଡିଆ, ସେକ୍ଟର-୨୧, ନୟାବଜାର, ରାଉରକେଲା |
| ୪. | ଓ.ଏସ୍.ଏ.ପି.୫ମ ବାଟାଲିୟନ, ବାରିପଦା | ବାଟାଲିୟନ ପ୍ୟାରେଡ୍ ପଡିଆ, ରଙ୍ଗମାଟିଆ, ବାରିପଦା |
| ୫. | ଓ.ଏସ୍.ଏ.ପି.୬ଷ୍ଠ ବାଟାଲିୟନ, କଟକ | ବାଟାଲିୟନ ପ୍ୟାରେଡ୍ ପଡିଆ, ଓ.ଏମ୍.ପି. ଛକ,କଟକ |
| ୬. | ଓ.ଏସ୍.ଏ.ପି.୭ମ ବାଟାଲିୟନ, ଭୁବନେଶ୍ୱର | ବାଟାଲିୟନ ପ୍ୟାରେଡ୍ ପଡିଆ, ଚନ୍ଦ୍ରଶେଖରପୁର, ନାଲକୋ ଛକ, ଭୁବନେଶ୍ୱର |
| ୭. | ଓ.ଏସ୍.ଏ.ପି.୮ମ ବାଟାଲିୟନ, ଛତ୍ରପୁର | ବାଟାଲିୟନ ପ୍ୟାରେଡ୍ ପଡିଆ, ଅଗସ୍ତି ନୂଆଗାଁ, ଛତ୍ରପୁର |
| ୮. | ୧ମ ଆଇ.ଆର. ବାଟାଲିୟନ, ଅପର କୋଲାବ, କୋରାପୁଟ | ରିଜର୍ଭ ପୋଲିସ୍ ଲାଇନ୍ ପଡିଆ, କୋରାପୁଟ |
| ୯. | ୨ୟ ଆଇ.ଆର. ବାଟାଲିୟନ, ଗୁଣୁପୁର | ଜି.ସି.ଡି. ଗ୍ରାଉଣ୍ଡ, ରାୟଗଡା |

| | | |
|---|---|---|
| ୧୦. | ୩ୟ ଆଇ.ଆର୍. ବାଟାଲିୟନ, କଳିଙ୍ଗ ନଗର, ଯାଜପୁର | ରିଜର୍ଭ ପୋଲିସ୍ ଲାଇନ୍ ପଡିଆ, ପାଣିକୋଇଲି, ଯାଜପୁର |
| ୧୧. | ୪ର୍ଥ ଆଇ.ଆର୍. ବାଟାଲିୟନ, ଦେବଗଡ | ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍, ଦେବଗଡ |
| ୧୨. | ୫ମ ଆଇ.ଆର୍. ବାଟାଲିୟନ, ବୌଦ୍ଧ | ଏନ୍.ଏ.ସି. ଖେଳ ପଡିଆ, ବୌଦ୍ଧ |
| ୧୩. | ୬ଷ୍ଠ ଆଇ.ଆର୍. ବାଟାଲିୟନ, ଖୋର୍ଦ୍ଧା | ଅର୍ବାନ୍ ପୋଲିସ୍ ଟ୍ରାଫିକ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପଡିଆ, ଲକ୍ଷ୍ମୀସାଗର, ଭୁବନେଶ୍ୱର |

ପ୍ରାର୍ଥୀମାନେ ଶାରୀରିକ ମାପ/ଦକ୍ଷତା ପରୀକ୍ଷା ନିମନ୍ତେ **ତା.୭.୧୧.୨୦୧୧ରିଖ ସକାଳ ୭ଟା (ସାତ ଘଣ୍ଟା)** ସମୟରେ ଉପରୋକ୍ତ ନିଯୁକ୍ତି ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିବେ । ଏହି ପରୀକ୍ଷା ଅଧିକ ଦିନ ଲାଗିପାରେ, ଏଥିପାଇଁ ପ୍ରାର୍ଥୀମାନେ ରହିବାପାଇଁ ପ୍ରସ୍ତୁତି ହୋଇ ଆସିଥିବା ଆବଶ୍ୟକ ।

## ୩. ଦରମା ହାର ଓ ଭତ୍ତା

ମୂଳ ଦରମା ଟ.୫,୨୦୦-୨୦,୨୦୦/- ଙ୍କା +
ଗ୍ରେଡ୍ ପେ- ଟ.୨,୦୦୦/- ଙ୍କା ଓ ଏଥି ସହିତ ଅନ୍ୟାନ୍ୟ ଭତ୍ତା ।

## ୪. ପରୀକ୍ଷା ଫିସ

ସିପାହୀ/କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ ନିମନ୍ତେ ପ୍ରାର୍ଥୀ (ଅନୁସୂଚିତ ଜାତି/ ଅନୁସୂଚିତ ଉପଜାତି ବ୍ୟତୀତ) ଟ.୧୦୦/- (ଏକଶହ ଟଙ୍କା)ର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ପଠାଇବେ । ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ନିମ୍ନମତେ ଦେୟ ହେବା ଆବଶ୍ୟକ ।

| **କ୍ରମିକ ସଂଖ୍ୟା** | **ବାଟାଲିୟନର ନାମ** | **କାହାନାମରେ ଦେୟ ହେବ** | **କେଉଁଠାରେ ଦେୟ ହେବ** |
|---|---|---|---|
| ୧ | ଓ.ଏସ୍.ଏପି. ୧ମ ବାଟାଲିୟନ, ଡେଙ୍କାନାଳ | Commandant. OSAP. 1st Bn, Dhenkanal | Dhenkanal |
| ୨ | ଓ.ଏସ୍.ଏପି. ୩ୟ ବାଟାଲିୟନ, କୋରାପୁଟ | Commandant. OSAP. 3rd Bn., Koraput | Koraput |
| ୩ | ଓ.ଏସ୍.ଏପି. ୪ର୍ଥ ବାଟାଲିୟନ, ରାଉରକେଲା | Commandant. OSAP. 4th Bn., Rourkela | Rourkela |
| ୪ | ଓ.ଏସ୍.ଏପି. ୫ମ ବାଟାଲିୟନ, ବାରିପଦା | Commandant. OSAP. 5th Bn., Baripada | Baripada |
| ୫ | ଓ.ଏସ୍.ଏପି. ୬ଷ୍ଠ ବାଟାଲିୟନ, କଟକ | Commandant. OSAP. 6th Bn., Cuttack | Cuttack |
| ୬ | ଓ.ଏସ୍.ଏପି. ୭ମ ବାଟାଲିୟନ, ଭୁବନେଶ୍ୱର | DCP (Armed), OSAP. 7th Bn., Bhubaneswar | Bhubaneswar |
| ୭ | ଓ.ଏସ୍.ଏପି. ୮ମ ବାଟାଲିୟନ, ଛତ୍ରପୁର | Commandant. OSAP. 8th Bn., Chhatrapur | Chhatrapur |
| ୮ | ୧ମ ଆଇ.ଆର୍. ବାଟାଲିୟନ, ଅପର କୋଲାବ, କୋରାପୁଟ | Commandant. 1st I.R. Bn., Upper Kolab, Koraput | Koraput |

| | | | |
|---|---|---|---|
| ୯ | ୨ୟ ଆଇ.ଆର. ବାଟାଲିୟନ, ଗୁଣୁପୁର | Commandant. 2nd I.R. Bn., Gunupur | Gunupur |
| ୧୦ | ୩ୟ ଆଇ.ଆର. ବାଟାଲିୟନ, କଳିଙ୍ଗ ନଗର, ଯାଜପୁର | Commandant. 3rd I.R. Bn., Kalinganagar, Jajpur | Jajpur |
| ୧୧ | ୪ର୍ଥ ଆଇ.ଆର. ବାଟାଲିୟନ, ଦେବଗଡ | Commandant. 4th I.R. Bn., Deogarh | Deogarh |
| ୧୨ | ୫ମ ଆଇ.ଆର. ବାଟାଲିୟନ, ବୌଦ୍ଧ | Commandant. 5th I.R. Bn., Boudh | Boudh |
| ୧୩ | ୬ଷ୍ଠ ଆଇ.ଆର. ବାଟାଲିୟନ, ଖୋର୍ଦ୍ଧା | Commandant. 6th I.R. Bn., Khurda | Khurda |

ବ୍ୟାଙ୍କ ଡ୍ରାଫ୍ଟ/ପୋଷ୍ଟାଲ ଅର୍ଡର ବିନା ଦାଖଲ କରାଯାଇଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଅନୁସୂଚିତ ଜାତି/ଅନୁସୂଚିତ ଉପଜାତିର ପ୍ରାର୍ଥୀମାନଙ୍କ ପାଇଁ କୌଣସି ପରୀକ୍ଷା ଫିସ୍ ପଡିବ ନାହିଁ ।

## ୫. <u>ନାମ ପଞ୍ଜିକରଣ</u>

ପ୍ରାର୍ଥୀ ରାଜ୍ୟର ଯେ କୌଣସି କର୍ମଯୋଗାଣ କେନ୍ଦ୍ରରେ ନିଜର ନାମ ପଞ୍ଜିକରଣ କରିଥିବେ । ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ଏହି ପଞ୍ଜିକରଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀ ଏକାଧିକ କର୍ମଯୋଗାଣ କେନ୍ଦ୍ରରେ ନାମ ପଞ୍ଜିକରଣ କରିନଥିବେ ।

## ୬. <u>ବୟସ ସୀମା</u>

ପ୍ରାର୍ଥୀଙ୍କର ବୟସ ତା.୧.୧.୨୦୧୧ ରିଖ ସୁଦ୍ଧା ୧୮ ବର୍ଷରୁ କମ୍ କିମ୍ବା ୨୩ ବର୍ଷରୁ ଅଧିକ ହୋଇନଥିବ । ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି ଏବଂ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗର ପ୍ରାର୍ଥୀମାନଙ୍କପାଇଁ ସର୍ବୋଚ୍ଚ ବୟସସୀମା ୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ । ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କର ସର୍ବୋଚ୍ଚ ବୟସସୀମା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ନିୟମାନୁସାରେ କୋହଳ କରାଯିବ । ପ୍ରାର୍ଥୀ ଉପରୋକ୍ତ ସୁବିଧା ଗୁଡିକ ମଧ୍ୟରୁ କେବଳ ଗୋଟିଏ ସୁବିଧା ପାଇବେ ।

## ୭. <u>ଶିକ୍ଷାଗତ ଯୋଗ୍ୟତା</u>

ପ୍ରାର୍ଥୀ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ କିମ୍ବା ଅନ୍ୟ କୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡିଆ ଏକ ବିଷୟ ରୂପେ ନେଇ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ଓଡିଆ ଭାଷାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏମ୍.ଇ. ଷ୍ଟାଣ୍ଡାର୍ଡ ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡିଆ ଭାଷା କହିପାରୁଥିବେ, ପଢିପାରୁଥିବେ ଓ ଲେଖିପାରୁଥିବେ ।

## ୮. <u>ଅନ୍ୟାନ୍ୟ ଯୋଗ୍ୟତା</u>

(କ) ପ୍ରାର୍ଥୀ ଉତ୍ତମ ଚରିତ୍ରର ଅଧିକାରୀ ହୋଇଥିବେ ।

(ଖ) ବିବାହିତ ହୋଇଥିଲେ ତାଙ୍କର ଏକାଧିକ ପତ୍ନୀ ନଥିବେ ।

(ଗ) ସେ ସ୍ୱାସ୍ଥ୍ୟବାନ ହୋଇଥିବେ ଓ ଶାରୀରିକ ରୂପେ ଅକ୍ଷମ ବା ଭିନ୍ନକ୍ଷମ ହୋଇନଥିବେ ।

**ବି.ଦ୍ର.** ସିପାହୀ/କନେଷ୍ଟବଳ ନିଯୁକ୍ତି ପରୀକ୍ଷା ସମୟରେ ପ୍ରାର୍ଥୀ ତାଙ୍କ ଯୋଗ୍ୟତା ସମ୍ବନ୍ଧୀୟ ମୂଳ ପ୍ରମାଣପତ୍ର ଗୁଡିକ ଯାଞ୍ଚ ନିମନ୍ତେ ଦାଖଲ କରିବେ । ଯେଉଁ ପ୍ରାର୍ଥୀ ସିପାହୀ/ କନେଷ୍ଟବଳ ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ ଓ ପରବର୍ତ୍ତୀ ନିଯୁକ୍ତି ପରୀକ୍ଷା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ । ଏତଦ୍ ବ୍ୟତୀତ ନିଯୁକ୍ତି ପରୀକ୍ଷାର ଯେକୌଣସି ପର୍ଯ୍ୟାୟରେ ପ୍ରବରଣ ମଣ୍ଡଳୀ (Selection Board) ଯଦି ଅନୁଭବ କରନ୍ତି, କୌଣସି ପ୍ରାର୍ଥୀଙ୍କର ସିପାହୀ/କନେଷ୍ଟବଳ ପଦବୀପାଇଁ ଆବଶ୍ୟକ ଯୋଗ୍ୟତା ନାହିଁ, ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ । ଯୋଗ୍ୟତା ସମ୍ବନ୍ଧୀୟ ସବିଶେଷ ବିବରଣୀ ଘରୋଇ ବିଭାଗ Resolution No.15082/D&A dtd.22.03.2011 ରେ ଉପଲବ୍ଧ ଅଟେ ।

**୯. (କ) ଶାରୀରିକ ମାପ**

ପ୍ରାର୍ଥୀଙ୍କର ସର୍ବନିମ୍ନ ଶାରୀରିକ ମାପ ନିମ୍ନପ୍ରକାର ହୋଇଥିବା ଆବଶ୍ୟକ ।

| କ୍ର.ସଂ. | ବର୍ଗ | ଉଚ୍ଚତା | ଓଜନ | ଛାତିମାପ | |
|---|---|---|---|---|---|
| | | | | ଅଣସଂପ୍ରସାରିତ | ସଂପ୍ରସାରିତ |
| ୧. | ଅସଂରକ୍ଷିତ ବର୍ଗ/ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ | ୧୬୮ ସେ.ମି. | ୫୫ କି.ଗ୍ରା. | ୭୯ ସେ.ମି. | ୮୪ ସେ.ମି. |
| ୨. | ଅନୁସୂଚିତ ଜାତି/ ଉପଜାତି | ୧୬୩ ସେ.ମି. | ୫୦ କି.ଗ୍ରା. | ୭୬ ସେ.ମି. | ୮୧ ସେ.ମି. |

**(ଖ) ଶାରୀରିକ ଅକ୍ଷମ ବା ଭିନ୍ନକ୍ଷମ ବ୍ୟକ୍ତି ଓ ମହିଳା ମାନେ ଉପରୋକ୍ତ ସିପାହୀ/ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ନାହିଁ ।**

**୧୦. ଶାରୀରିକ ମାପ/ଶାରୀରିକ ଦକ୍ଷତା ପରୀକ୍ଷା**

ପ୍ରାର୍ଥୀ ମନୋନୟନ ନିମନ୍ତେ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା, ଲିଖିତ ପରୀକ୍ଷା ଇତ୍ୟାଦି ଅନୁଷ୍ଠିତ ହେବ । ପ୍ରାର୍ଥୀ ଅଧିକ ହେଲେ ଶାରୀରିକ ଦକ୍ଷତା ପରୀକ୍ଷା ଅଧିକ ଦିନ ଲାଗିପାରେ। ସେଥିପାଇଁ ପ୍ରାର୍ଥୀମାନେ ଅଧିକଦିନ ରହିବାପାଇଁ ପ୍ରସ୍ତୁତ ହୋଇ ଆସିଥିବା ଆବଶ୍ୟକ । ଶାରୀରିକ ଦକ୍ଷତା ପରୀକ୍ଷା ନିମନ୍ତେ ପ୍ରଯୁକ୍ତି ଜ୍ଞାନକୌଶଳ (Technology) ପ୍ରୟୋଗ କରାଯାଇପାରେ । ଶାରୀରିକ ମାପ ପୂର୍ବରୁ କିମ୍ବା ପରେ ପ୍ରାର୍ଥୀଙ୍କର କୌଣସି ଶାରୀରିକ ଅକ୍ଷମତା ଅଛି କି ନାହିଁ, ତାହା ଜାଣିବା ପାଇଁ ବାଟାଲିୟନ ସିଲେକ୍ସନ ବୋର୍ଡର ଏକ କମିଟି ଦ୍ୱାରା ପରୀକ୍ଷା କରାଯିବ ଏବଂ ଏହି କମିଟିର ନିଷ୍ପତ୍ତି ଚୁଡାନ୍ତ ହେବ । ନିଯୁକ୍ତି ପରୀକ୍ଷାର ଯେକୌଣସି ପର୍ଯ୍ୟାୟରେ ଶାରୀରିକ ଅକ୍ଷମତାର ପରୀକ୍ଷା/ପୁନଃ ପରୀକ୍ଷା କରାଯାଇପାରେ । ଏତଦ୍ ବ୍ୟତୀତ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ବିଭିନ୍ନ ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ଭିନ୍ନ ଭିନ୍ନ ତାରିଖରେ କରାଯାଇପାରେ । ଏ ସମ୍ବନ୍ଧରେ ସମ୍ପୃକ୍ତ ବାଟାଲିୟନର କମାଣ୍ଡାଣ୍ଟ/ଡିସିପି (ଆର୍ମଡ୍) ପ୍ରାର୍ଥୀମାନଙ୍କୁ ଆବଶ୍ୟକ ସୂଚନା ଦେବେ ।

**(କ) <u>ଶାରୀରିକ ମାପ (ଉଚ୍ଚତା)</u> - ୩ ବୋନସ୍ ମାର୍କ**

ଯେଉଁ ପ୍ରାର୍ଥୀମାନଙ୍କର ଉଚ୍ଚତା ୧୬୮ ସେଣ୍ଟିମିଟର ବା ତାହା ଠାରୁ ଅଧିକ ହୋଇଥିବ ସେମାନେ ୩ ନମ୍ବର ବୋନସ ମାର୍କ ପାଇବେ ।

**(ଖ) ଶାରୀରିକ ଦକ୍ଷତା ପରୀକ୍ଷା - ମୋଟ ନମ୍ବର ୪୦**

ନିମ୍ନଲିଖିତ ବିଭାଗ (event) ରେ ଶାରୀରିକ ଦକ୍ଷତା ପରୀକ୍ଷା କରାଯିବ ।

| | | | ସମୟ | ନମ୍ବର |
|---|---|---|---|---|
| (୧) | **ଦୌଡ -** | ୧.୬ କି.ମି. | ୫ ମିନିଟ୍ | ୧୦ |
| | | | ୫.୩୦ ମିନିଟ୍ | ୮ |
| | | | ୬ ମିନିଟ୍ | ୬ |
| | | | ୬.୩୦ ମିନିଟ୍ | ୪ |

୬.୩୦ ମିନିଟ୍ ମଧ୍ୟରେ ଦୌଡ ସମ୍ପୂର୍ଣ୍ଣ କରିନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| | | |
|---|---|---|
| (୨) | **ଉଚ୍ଚ ଡିଆଁ -** ୧.୨୨ ମିଟର | ପ୍ରଥମ ସୁଯୋଗରେ ସମ୍ପୂର୍ଣ୍ଣ କଲେ ୩ ନମ୍ବର |
| | (ତିନିଥର ସୁଯୋଗ ଦିଆଯିବ) | ଦ୍ୱିତୀୟ ସୁଯୋଗରେ ସମ୍ପୂର୍ଣ୍ଣ କଲେ ୨ ନମ୍ବର |
| | | ତୃତୀୟ ସୁଯୋଗରେ ସମ୍ପୂର୍ଣ୍ଣ କଲେ ୧ ନମ୍ବର |

୩ଥରରେ ୧.୨୨ମିଟର ଉଚ୍ଚଡିଆଁ ଡେଇଁନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

**ଦ୍ରଷ୍ଟବ୍ୟ**- ଯେଉଁ ପ୍ରାର୍ଥୀ ପ୍ରଥମ ସୁଯୋଗରେ ୧.୨୨ ମିଟର ଉଚ୍ଚଡିଆଁ ଡେଇଁ ପାରିବେ, ତାଙ୍କୁ ପରବର୍ତ୍ତୀ ଉଚ୍ଚତର ଡିଆଁରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ । ଏହି ସୁଯୋଗ ସେ ପର୍ଯ୍ୟାୟକ୍ରମେ ନିମ୍ନଲିଖିତ ଉଚ୍ଚଡିଆଁ ପାଇଁ ତିନି ଥର ସୁଯୋଗ ପାଇବେ । ସର୍ବୋଚ୍ଚ ଉଚ୍ଚ ଡିଆଁ ପାଇଁ କେବଳ ନମ୍ବର ଦିଆଯିବ ।

| | |
|---|---|
| ୧.୩୮ ମିଟର - | ୬ ନମ୍ବର |
| ୧.୫୦ ମିଟର - | ୮ ନମ୍ବର |

| | | | |
|---|---|---|---|
| (୩) | **ଲମ୍ବଡିଆଁ - ୩.୬୬ ମିଟର** | ୩.୬୬ ମିଟର | ୧ ନମ୍ବର |
| | (୩ଟି ସୁଯୋଗ ମଧ୍ୟରୁ | ୪.୦୦ ମିଟର | ୩ ନମ୍ବର |
| | ଶ୍ରେଷ୍ଠ ପ୍ରଦର୍ଶନ ପାଇଁ | ୪.୩୫ ମିଟର | ୫ ନମ୍ବର |
| | ନମ୍ବର ଦିଆଯିବ) | ୪.୫୦ ମିଟର | ୬ ନମ୍ବର |

୩ ଥରରେ ୩.୬୬ମିଟର ଲମ୍ବଡିଆଁ ଡେଇଁନପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୪) **ଦଉଡି ଚଢା - ୬ ମିଟର**(ଭୂମିଠାରୁ ଉପରକୁ) କେବଳ ହାତ ବ୍ୟବହାର କରିବେ ।

| **ସମୟ** | **ନମ୍ବର** |
|---|---|
| ପ୍ରଥମ ସୁଯୋଗରେ ସମ୍ପୂର୍ଣ୍ଣ କଲେ | ୬ ନମ୍ବର |
| ଦ୍ୱିତୀୟ ସୁଯୋଗରେ ସମ୍ପୂର୍ଣ୍ଣ କଲେ | ୪ ନମ୍ବର |
| ତୃତୀୟ ସୁଯୋଗରେ ସମ୍ପୂର୍ଣ୍ଣ କଲେ | ୨ ନମ୍ବର |

ତିନି ଥରରେ ୬ ମିଟର ଦଉଡି ଚଢା ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୫) **ସନ୍ତରଣ -** ୪୦ ମିଟର ୮ ମିନିଟ୍ ମଧ୍ୟରେ (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା) ୮ ମିନିଟ୍ ମଧ୍ୟରେ ସନ୍ତରଣ ସମ୍ପୂର୍ଣ୍ଣ କରି ନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ।

(୬) **କ୍ରସ କଣ୍ଟ୍ରି - ୫ କି.ମି.**

| **ସମୟ** | **ନମ୍ବର** |
|---|---|
| ୨୫ ମିନିଟ୍ | ୧ ନମ୍ବର |
| ୨୪ ମିନିଟ୍ | ୨ ନମ୍ବର |
| ୨୩ ମିନିଟ୍ | ୪ ନମ୍ବର |
| ୨୨ ମିନିଟ୍ | ୬ ନମ୍ବର |
| ୨୧ ମିନିଟ୍ | ୮ ନମ୍ବର |
| ୨୦ ମିନିଟ୍ | ୧୦ ନମ୍ବର |

୨୫ ମିନିଟ୍‌ରେ ଦୌଡ ସମ୍ପୂର୍ଣ୍ଣ କରି ନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

## (ଗ) ଗାଡି ଚାଳନା ପରୀକ୍ଷା

ଯେଉଁ ପ୍ରାର୍ଥୀଙ୍କର ବିଜ୍ଞାପନ ପ୍ରକାଶ ପାଇବା ତାରିଖ ସୁଦ୍ଧା ଅତିକମ୍‌ରେ ୧ ବର୍ଷର ହାଲୁକା କିମ୍ବା ଭାରୀ ଯାନ ଚାଳନା ନିମନ୍ତେ ଲାଇସେନ୍ସ ଅଛି (ଶିକ୍ଷଣ ସମୟକୁ ବାଦ୍ ଦେଇ) ଓ ଯେଉଁମାନେ ଏ ସମ୍ପର୍କରେ ଦରଖାସ୍ତରେ ଉଲ୍ଲେଖ କରିଛନ୍ତି ଏବଂ ଯେଉଁ ପ୍ରାର୍ଥୀ ମାନଙ୍କର ବୈଧ ଗାଡି ଚାଳନା ଲାଇସେନ୍ସ (valid driving license) ଥିବ କେବଳ ସେହିପ୍ରାର୍ଥୀ ମାନଙ୍କୁ ଗାଡିଚାଳନା ପରୀକ୍ଷାପାଇଁ ଅନୁମତି ଦିଆଯିବ । ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରାର୍ଥୀ ନିମ୍ନଲିଖିତ ନମ୍ବର ପାଇବେ ।

(୧) ଭାରିଯାନ ଚାଳନା - ଲାଇସେନ୍ସ ସହ ଭାରୀଯାନ ଚାଳନା ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ - **୫ ନମ୍ବର**

(୨) ହାଲୁକାଯାନ ଚାଳନା - ଲାଇସେନ୍ସ ସହ ହାଲୁକାଯାନ ଚାଳନା ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ - **୩ ନମ୍ବର**

**ଏହି ପରୀକ୍ଷାରେ ଭାଗନେବା ପୂର୍ବରୁ ପ୍ରାର୍ଥୀ ତାଙ୍କର ମୂଳ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ ନିମନ୍ତେ ଦାଖଲ କରିବେ ।**

ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଓ ନମ୍ବର ପାଇଥିବା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତିପରେ ଆବଶ୍ୟକସ୍ଥଳେ ଗାଡି ଚଳାଇବା ନିଜର ଦାୟିତ୍ୱ ଓ କର୍ତ୍ତବ୍ୟର ଅଂଶବିଶେଷ ଭାବେ ବିବେଚିତ ହେବ ।

**ଦ୍ରଷ୍ଟବ୍ୟ:-** ଗାଡି ଚାଳନା ଲାଇସେନ୍ସର ପୁଙ୍ଖାନୁପୁଙ୍ଖ ତଦନ୍ତ ଏବଂ ତାହାର ସଠିକ୍ ତାରିଖକୁ Original License ସହିତ ମିଳାଇ ପ୍ରାର୍ଥୀ ଦରଖାସ୍ତ ଫର୍ମରେ ଉଲ୍ଲେଖ କରିଥିବା ସମସ୍ତ ତଥ୍ୟ ସହିତ ବିଚାରକୁ ନିଆଯିବ ।

**୧୧. ଶିକ୍ଷାଗତ ଯୋଗ୍ୟତା - ମୋଟ ନମ୍ବର -୬**

ପ୍ରାର୍ଥୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ରଖିଥିବା % (ଶତକଡା) ମାର୍କକୁ ଭିତ୍ତିକରି ନିମ୍ନଲିଖିତ ନମ୍ବର ପ୍ରଦାନ କରାଯିବ ।

| | ଶିକ୍ଷାଗତ ଯୋଗ୍ୟତା | ଡିଭିଜନ୍ (%) | ନମ୍ବର |
|---|---|---|---|
| (କ) | ମାଟ୍ରିକ | ୬୧% ଓ ଅଧିକ | ୬ ନମ୍ବର |
| (ଖ) | ମାଟ୍ରିକ | ୫୧% ଓ ଅଧିକ | ୪ ନମ୍ବର |
| (ଗ) | ମାଟ୍ରିକ | ୪୧% ଓ ଅଧିକ | ୨ ନମ୍ବର |
| (ଘ) | ମାଟ୍ରିକ | କମ୍ପାର୍ଟମେଣ୍ଟାଲ / ସପ୍ଲିମେଣ୍ଟାରି / ୪୧ ପ୍ରତିଶତ ମାର୍କରୁ କମ୍ ହୋଇଥିଲେ କୌଣସି ନମ୍ବର ଦିଆଯିବ ନାହିଁ । | |

**ଦ୍ରଷ୍ଟବ୍ୟ:-** ପ୍ରଥମ ସୁଯୋଗରେ ଉର୍ତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ହିଁ ନମ୍ବର ମିଳିବ ।

**୧୨. ଲିଖିତ ପରୀକ୍ଷା - ମୋଟ ନମ୍ବର - ୨୫**

(କ) ଏହି ପରୀକ୍ଷା ହାଇସ୍କୁଲ ସାର୍ଟିଫିକେଟ ଷ୍ଟାଣ୍ଡାର୍ଡର କରାଯିବ ।

(ଖ) ଏହି ପରୀକ୍ଷା ବହୁମୁଖୀ ସମ୍ବନ୍ଧୀୟ ପ୍ରଶ୍ନପତ୍ର(multiple choice question) ଯଥା- ଓଡିଆ ଭାଷା, ଇଂରାଜୀ ଭାଷା, ଅଙ୍କ ଜ୍ଞାନ (Arithmetic), ସାଧାରଣଜ୍ଞାନ (General Knowledge) ଓ ଯଥାର୍ଥତା (Aptitude) ଏବଂ ତର୍କ ଜ୍ଞାନ (Logical reasoning) ଇତ୍ୟାଦିରେ କରାଯିବ ।

(ଗ) ଲିଖିତ ପରୀକ୍ଷାରେ ଅଂଶ ଗ୍ରହଣ କରି ନ ଥିବା ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(ଘ) ପରୀକ୍ଷା Optical Mark Reader (OMR) ପ୍ରଣାଳୀରେ କରାଯାଇପାରେ ।

(ଙ) ପ୍ରାର୍ଥୀ ମାନଙ୍କର ଲିଖିତ ପରୀକ୍ଷାର ଯୋଗ୍ୟତା ଭିତ୍ତିକ ନମ୍ବର ସିଲେକ୍ସନ୍ ବୋର୍ଡଙ୍କ ଦ୍ୱାରା ସ୍ଥିର କରାଯିବ ।

**୧୩. <u>କ୍ରୀଡା</u> - ମୋଟ ନମ୍ବର-୧୫**

କେବଳ ନିମ୍ନଲିଖିତ କ୍ରୀଡା କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ପ୍ରାର୍ଥୀମାନଙ୍କର ଯୋଗ୍ୟତା ମୂଲ୍ୟାୟନ କରାଯିବ ।

| | | | |
|---|---|---|---|
| ୧. | ଆଥ୍ଲେଟିକ୍ସ୍ | ୧୪. | କବାଡି |
| ୨. | ଆର୍ଚରି | ୧୫. | କରାଟେ ଡୋ |
| ୩. | ବ୍ୟାଡମିଣ୍ଟନ | ୧୬. | କାୟାକିଂ ଓ କ୍ୟାନୋଇଂ |
| ୪. | ବାସ୍କେଟବଲ | ୧୭. | ଲନ୍ ଟେନିସ୍ |
| ୫. | ବଡି ବିଲ୍ଡିଂ | ୧୮. | ପାୱାର୍ ଲିଫ୍ଟିଂ |
| ୬. | ବକ୍ସିଂ | ୧୯. | ରୋଇଙ୍ଗ୍ |
| ୭. | କ୍ରିକେଟ୍ | ୨୦. | ସୁଟିଂ |
| ୮. | ସାଇକ୍ଲିଙ୍ଗ | ୨୧. | ସୁଇମିଙ୍ଗ୍ |
| ୯. | ଇକ୍ୱିଷ୍ଟ୍ରିଆନ | ୨୨. | ଟେବୁଲ୍ ଟେନିସ୍ |
| ୧୦. | ଫୁଟବଲ୍ | ୨୩. | ତାଇକୋଣ୍ଡୋ |
| ୧୧. | ଜିମନାଷ୍ଟିକ୍ସ | ୨୪. | ଭଲିବଲ୍ |
| ୧୨. | ହକି | ୨୫. | ୱେଟ୍ଲିଫ୍ଟିଂ |
| ୧୩. | ଜୁଡୋ | ୨୬. | ରେସ୍ଲିଙ୍ଗ୍ |

**(କ) ଆନ୍ତର୍ଜାତୀୟ କ୍ରୀଡାରେ**

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୧୫ ନମ୍ବର |
| ସିଲ୍ଭର ମେଡାଲ୍ ପାଇଁ | - | ୧୪ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୧୩ ନମ୍ବର |

**(ଖ) ଆନ୍ତର୍ଜାତୀୟ କ୍ରୀଡାରେ ଦେଶପାଇଁ ପ୍ରତିନିଧିତ୍ୱ କରି ମେଡାଲ୍ ପାଇ ନଥିଲେ** - ୧୦ ନମ୍ବର

**(ଗ) ଓପନ ଜାତୀୟ ଚମ୍ପିଆନସିପ୍‌ରେ**

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୧୦ ନମ୍ବର |
| ସିଲ୍ଭର ମେଡାଲ୍ ପାଇଁ | - | ୭ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୫ ନମ୍ବର |

**ଦ୍ରଷ୍ଟବ୍ୟ:**-(୧) କେବଳ ଗୋଟିଏ କ୍ରୀଡା ଇଭେଣ୍ଟ ପାଇଁ ନମ୍ବର ଦିଆଯିବ ।

(୨) କେବଳ ଓପନ୍ ଜାତୀୟ ଏବଂ ଆନ୍ତର୍ଜାତୀୟ ଚମ୍ପିଆନସିପ୍‌ରେ ପ୍ରାର୍ଥୀ ଭାଗ ନେଇଥିବେ ଏବଂ ସ୍ୱୀକୃତୀପ୍ରାପ୍ତ ଜାତୀୟ କ୍ରୀଡା ସଂସ୍ଥା / ଅନୁଷ୍ଠାନ କିମ୍ବା ଭାରତୀୟ ଅଲମ୍ପିକ ସଂସ୍ଥା କିମ୍ବା ରାଜ୍ୟ କ୍ରୀଡା ସଂସ୍ଥା / ଜାତୀୟ କ୍ରୀଡା ସଂସ୍ଥା / ଅନୁଷ୍ଠାନ ତରଫରୁ ଅନୁମୋଦନ ହୋଇଥିବା ଆବଶ୍ୟକ ।

(୩) କେବଳ ଓପନ୍ ଜାତୀୟ ଚମ୍ପିଆନସିପ୍ ଏବଂ ଆନ୍ତର୍ଜାତୀୟ କ୍ରୀଡାରେ ଭାଗ ନେଇଥିବା ପୁରୁଷ, ଜୁନିଅର୍ ବାଳକ ଏବଂ ସବ୍ ଜୁନିଅର୍ ବାଳକ ବିଭାଗରେ ଭାଗ ନେଇଥିବା ପ୍ରାର୍ଥୀମାନଙ୍କର ଉପରୋକ୍ତ ଯୋଗ୍ୟତା ଭିତ୍ତିରେ ନମ୍ବର ବିଚାରକୁ ନିଆଯିବ ।

(୪) ଯେଉଁ କ୍ଷେତ୍ରରେ କୌଣସି ମେଡାଲର ବ୍ୟବସ୍ଥା ନାହିଁ, ସେ କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗୁଡିକୁ ଯଥାକ୍ରମେ ଗୋଲ୍ଡ, ସିଲ୍ଭର୍ ଓ ବ୍ରୋଞ୍ଜ ମେଡାଲ ରୂପେ ବିବେଚନା କରାଯିବ ।

(୫) କ୍ରୀଡା ସାର୍ଟିଫିକେଟର ବୈଧତା ଓ ଆନୁସଙ୍ଗିକ ନିୟମାବଳୀ ନିମନ୍ତେ ଘରୋଇ ବିଭାଗ Resolution No.15082/D&A dtd.22.3.2011 ରେ ଦ୍ରଷ୍ଟବ୍ୟ ।

**୧୪. <u>ଏନ୍.ସି.ସି.ସାର୍ଟିଫିକେଟ୍</u> - ମୋଟ ନମ୍ବର ୫**

ଏନ୍.ସି.ସି. 'A' ସାର୍ଟିଫିକେଟ୍ ପାଇଁ - ୧ ନମ୍ବର
ଏନ୍.ସି.ସି. 'B' ସାର୍ଟିଫିକେଟ୍ ପାଇଁ - ୩ ନମ୍ବର
ଏନ୍.ସି.ସି. 'C' ସାର୍ଟିଫିକେଟ୍ ପାଇଁ - ୫ ନମ୍ବର

**୧୫. <u>ଡାକ୍ତରୀ ପରୀକ୍ଷା:</u>**

ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରକ୍ରିୟାର ଶାରିରୀକ ଦକ୍ଷତା ପରୀକ୍ଷା ପୂର୍ବରୁ ଏକ ମେଡିକାଲ ବୋର୍ଡ ଦ୍ୱାରା ପରୀକ୍ଷା କରାଯିବ । ପ୍ରାର୍ଥୀଙ୍କର ଯଦି ଶରୀରର କୌଣସି ଅଙ୍ଗ ଅକ୍ଷମ କିମ୍ବା ଶାରୀରିକ ଅକ୍ଷମତା ଥାଏ ଏବଂ ପ୍ରାର୍ଥୀ ଡାକ୍ତରୀ ପରୀକ୍ଷାରେ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତାଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷା ଦେବାପାଇଁ ଅନୁମତି ଦିଆଯିବ ନାହିଁ ।

**୧୬.** ପ୍ରାର୍ଥୀ ନିମ୍ନଲିଖିତ ପ୍ରମାଣପତ୍ର ଗୁଡିକର ନକଲ ଦରଖାସ୍ତ ସହିତ ସଂଲଗ୍ନ କରି ଦାଖଲ କରିବେ । ଏହି ନକଲଗୁଡିକ ପ୍ରାର୍ଥୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ଓ ତାରିଖ ସହ ଅନୁପ୍ରମାଣିତ (Self attested) ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କ ଦ୍ୱାରା ଅନୁପ୍ରମାଣିତ ପ୍ରମାଣପତ୍ରର ନକଲ ଉକ୍ତ ପ୍ରମାଣପତ୍ର ସମ୍ପୃକ୍ତ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବାର ଚୁଡାନ୍ତ ପ୍ରମାଣ ବୋଲି ଗ୍ରହଣ କରାଯିବ ।

୧. ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର (ହାଇସ୍କୁଲ ସାର୍ଟିଫିକେଟ କିମ୍ବା ତତ୍ତୁଲ୍ୟ) ।
୨. ଶିକ୍ଷାଗତ ଯୋଗ୍ୟତା (ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ତତ୍ତୁଲ୍ୟ) ।
୩. ହାଇସ୍କୁଲ ସାର୍ଟିଫିକେଟର ମାର୍କସିଟ୍ର ନକଲ ।
୪. ଜାତିଗତ ପ୍ରମାଣପତ୍ର (କେବଳ ତଫସିଲଭୁକ୍ତ ଜାତି/ଉପଜାତି/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରଯୁଜ୍ୟ)।
୫. ନାମ ପଞ୍ଜିକରଣ ପ୍ରମାଣପତ୍ର ।
୬. କ୍ରୀଡା ପ୍ରମାଣପତ୍ର (କେବଳ ଅନୁଚ୍ଛେଦ ୧୩ ରେ ଉଦ୍ଦିଷ୍ଟ ଥିବା କ୍ରୀଡା ନିମନ୍ତେ) ।
୭. ଏନ୍.ସି.ସି. ସାର୍ଟିଫିକେଟ (ଏନ୍.ସି.ସି. ସାର୍ଟିଫିକେଟ ପ୍ରାପ୍ତ ପ୍ରାର୍ଥୀଙ୍କ ପାଇଁ) ।

୮. ଗାଡି ଚାଳନା ଲାଇସେନ୍ସ (ଗାଡିଚାଳନା ଅଭିଜ୍ଞତା ଥିଲେ)।

୯. ଡିସଚାର୍ଜ ପ୍ରମାଣପତ୍ର (ଅବସରପ୍ରାପ୍ତ ସାମରିକ କର୍ମଚାରୀ ହୋଇଥିଲେ)।

୧୦. ତିନୋଟି (୩) ପାସପୋର୍ଟ ସାଇଜର ରଙ୍ଗୀନ ଫଟୋଗ୍ରାଫ (ଦରଖାସ୍ତ ଫର୍ମରେ ଲଗାଯାଇଥିବା ରଙ୍ଗୀନ ଫଟୋଗ୍ରାଫ ବ୍ୟତୀତ) (ଏହି ତିନୋଟି ଫଟୋର ପଛପାଖରେ ପ୍ରାର୍ଥୀଙ୍କ ନାମ ଓ ଦସ୍ତଖତ ରହିବ) ।

## ୧୭. କିପରି ଆବେଦନ କରିବେ

ଇଚ୍ଛୁକ ଓ ଯୋଗ୍ୟ ପ୍ରାର୍ଥୀମାନେ ଯେଉଁ ବାଟାଲିୟନରେ ସିପାହୀ/କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରିବା ପାଇଁ ଚାହୁଁଥିବେ, ସମ୍ପୃକ୍ତ କମାଣ୍ଡାଣ୍ଟ/ଡିସିପି (ଆର୍ମଡ୍)ଙ୍କ କାର୍ଯ୍ୟାଳୟରୁ ପ୍ରାର୍ଥୀ ଦରଖାସ୍ତ ଫର୍ମ ମୂଲ୍ୟ ବାବଦରେ ଟ.୨୫/- (ପଚିଶ ଟଙ୍କା ମାତ୍ର ) ର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ପଇଠ କରି ଦରଖାସ୍ତ ଫର୍ମ କିଣିବେ । ଏହା ବ୍ୟତୀତ ଏହି ଦରଖାସ୍ତ ଫର୍ମ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ୱେବ ସାଇଟ୍ (www.bpspaorissa.gov.in) ରୁ ଡାଉନ ଲୋଡ କରିହେବ । ୱେବ ସାଇଟରୁ ଡାଉନ୍ ଲୋଡ୍ କରି ଫର୍ମ ଦେଇଥିବା ପ୍ରାର୍ଥୀ, ଫର୍ମ ସହିତ ଟ.୨୫/- ( ପଚିଶ ଟଙ୍କା ମାତ୍ର ) ମୂଲ୍ୟର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ସଂଲଗ୍ନ କରିବେ । ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ସମ୍ପୃକ୍ତ କମାଣ୍ଡାଣ୍ଟ/ଡିସିପି (ଆର୍ମଡ୍)ଙ୍କ ସପକ୍ଷରେ କରିବେ । ଏହା କିପରି କରାଯିବ ଏହି ବିଷୟରେ ସବିଶେଷ ବିବରଣୀ କ୍ରମିକ ସଂଖ୍ୟା ୪ ସ୍ତମ୍ଭରେ ଦର୍ଶାଯାଇଥିବା ସାରଣୀ (Table) ରେ ପ୍ରଦତ୍ତ କରାଯାଇଅଛି । ଅନ୍ୟମାଧ୍ୟମରୁ ଆଣିଥିବା ଫର୍ମ ଗ୍ରହଣ ଯୋଗ୍ୟ ନୁହେଁ । ପ୍ରାର୍ଥୀ ଦରଖାସ୍ତ ଫର୍ମ ସହିତ ବ୍ୟାଙ୍କ ଡ୍ରାଫ୍ଟ/ପୋଷ୍ଟାଲ ଅର୍ଡର ଓ ଅନ୍ୟାନ୍ୟ ପ୍ରମାଣପତ୍ର ଗୁଡିକର ନକଲ ସହ ନିମ୍ନମତେ ଡାକ ଯୋଗେ ପଠାଇବେ କିମ୍ବା ଦରଖାସ୍ତ ଫର୍ମ ସମ୍ପୃକ୍ତ କମାଣ୍ଡାଣ୍ଟ/ଡିସିପି (ଆର୍ମଡ୍)ଙ୍କ ନିମ୍ନଲିଖିତ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ସ୍ଥାନରେ ଦାଖଲ କରି ରସିଦ ନେବେ । ଫର୍ମ ଦାଖଲ କରିବାର ଶେଷ ତାରିଖ **୩୧.୧୦.୨୦୧୧** ଅଟେ ।

| **କ୍ରମିକ ସଂଖ୍ୟା** | **ବାଟାଲିୟନର ନାମ** | **କେଉଁଠାକୁ ଡାକ ଯୋଗେ ପଠାଇବେ କିମ୍ବା ବ୍ୟକ୍ତିଗତଭାବେ ଦାଖଲ କରିବେ** |
|---|---|---|
| ୧. | ଓ.ଏସ୍.ଏ.ପି.୧ମ ବାଟାଲିୟନ, ଢେଙ୍କାନାଳ | କମାଣ୍ଡାଣ୍ଟ, ଓ.ଏସ୍.ଏ.ପି. ୧ମ ବାଟାଲିୟନ, ରିଜର୍ଭ ପୋଲିସ୍ ଲାଇନ୍, ଖମାର ସାହି, ଢେଙ୍କାନାଳ |
| ୨. | ଓ.ଏସ୍.ଏ.ପି.୩ୟ ବାଟାଲିୟନ, କୋରାପୁଟ | କମାଣ୍ଡାଣ୍ଟ, ଓ.ଏସ୍.ଏ.ପି. ୩ୟ ବାଟାଲିୟନ, କୋରାପୁଟ |
| ୩. | ଓ.ଏସ୍.ଏ.ପି.୪ର୍ଥ ବାଟାଲିୟନ, ରାଉରକେଲା | କମାଣ୍ଡାଣ୍ଟ, ଓ.ଏସ୍.ଏ.ପି. ୪ର୍ଥ ବାଟାଲିୟନ, ସେକ୍ଟର-୨୧, ନୟାବଜାର, ରାଉରକେଲା |
| ୪. | ଓ.ଏସ୍.ଏ.ପି.୫ମ ବାଟାଲିୟନ, ବାରିପଦା | କମାଣ୍ଡାଣ୍ଟ, ଓ.ଏସ୍.ଏ.ପି. ୫ମ ବାଟାଲିୟନ, ରଙ୍ଗମାଟିଆ, ବାରିପଦା, ଜି-ମୟୂରଭଞ୍ଜ |
| ୫. | ଓ.ଏସ୍.ଏ.ପି.୬ଷ୍ଠ ବାଟାଲିୟନ, କଟକ | କମାଣ୍ଡାଣ୍ଟ, ଓ.ଏସ୍.ଏ.ପି. ୬ଷ୍ଠ ବାଟାଲିୟନ, ଓ.ଏମ୍.ପି. ଛକ, କଟକ |
| ୬. | ଓ.ଏସ୍.ଏ.ପି.୭ମ ବାଟାଲିୟନ, ଭୁବନେଶ୍ୱର | ଡିସିପି (ଆର୍ମଡ୍), ଓ.ଏସ୍.ଏ.ପି. ୭ମ ବାଟାଲିୟନ, ଚନ୍ଦ୍ରଶେଖରପୁର, ନାଲକୋଛକ, ଭୁବନେଶ୍ୱର |
| ୭. | ଓ.ଏସ୍.ଏ.ପି.୮ମ ବାଟାଲିୟନ, ଛତ୍ରପୁର | କମାଣ୍ଡାଣ୍ଟ, ଓ.ଏସ୍.ଏ.ପି. ୮ମ ବାଟାଲିୟନ, ଅଗସ୍ତି ନୂଆଗାଁ, ଛତ୍ରପୁର, ଜି-ଗଞ୍ଜାମ |

| | | |
|---|---|---|
| ୮. | ୧ମ ଆଇ.ଆର୍. ବାଟାଲିୟନ୍, ଅପର କୋଲାବ, କୋରାପୁଟ | କମାଣ୍ଡାଣ୍ଟ, ୧ମ ଆଇ.ଆର୍. ବାଟାଲିୟନ୍, ଅପର କୋଲାବ, କୋରାପୁଟ |
| ୯. | ୨ୟ ଆଇ.ଆର୍. ବାଟାଲିୟନ୍, ଗୁଣୁପୁର | କମାଣ୍ଡାଣ୍ଟ, ୨ୟ ଆଇ.ଆର୍. ବାଟାଲିୟନ୍, ଗୁଣୁପୁର ଥାନା ପରିସର, ଗୁଣୁପୁର, ଜି-ରାୟଗଡା |
| ୧୦. | ୩ୟ ଆଇ.ଆର୍. ବାଟାଲିୟନ୍, କଳିଙ୍ଗ ନଗର, ଯାଜପୁର | କମାଣ୍ଡାଣ୍ଟ, ୩ୟ ଆଇ.ଆର୍. ବାଟାଲିୟନ୍, ସା-ରଙ୍ଗିଟାଙ୍ଗର, ଭାୟା-ସନସାଇଲୋ,କଳିଙ୍ଗନଗର, ପୋ- ସୁକିନ୍ଦା, ଜି- ଯାଜପୁର |
| ୧୧. | ୪ର୍ଥ ଆଇ.ଆର୍. ବାଟାଲିୟନ୍, ଦେବଗଡ | କମାଣ୍ଡାଣ୍ଟ, ୪ର୍ଥ ଆଇ.ଆର୍. ବାଟାଲିୟନ୍, ସାରତୋଳା ପୋଲିସ୍ କଲୋନୀ, ଦେବଗଡ |
| ୧୨. | ୫ମ ଆଇ.ଆର୍. ବାଟାଲିୟନ୍, ବୌଦ୍ଧ | କମାଣ୍ଡାଣ୍ଟ, ୫ମ ଆଇ.ଆର୍. ବାଟାଲିୟନ୍, At-ଆରକ୍ଷୀ ଅଧୀକ୍ଷଙ୍କ କାର୍ଯ୍ୟାଳୟ, ବୌଦ୍ଧ |
| ୧୩. | ୬ଷ୍ଠ ଆଇ.ଆର୍. ବାଟାଲିୟନ୍, ଖୋର୍ଦ୍ଧା | କମାଣ୍ଡାଣ୍ଟ, ୬ଷ୍ଠ ଆଇ.ଆର୍. ବାଟାଲିୟନ୍, At-ଅର୍ବାନ୍ ପୋଲିସ୍ ଟ୍ରାଫିକ୍ ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ୍, ଲକ୍ଷ୍ମୀସାଗର, ଭୁବନେଶ୍ୱର |

ପ୍ରାର୍ଥୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ସିପାହୀ/କନେଷ୍ଟବଳ ନିଯୁକ୍ତି ପରୀକ୍ଷା ପାଇଁ ସେମାନେ ଆବେଦନ କରିବା ସମୟରେ ଅଧିକ ବିବରଣୀ ଓଡିଶା ସରକାରଙ୍କର ଗୃହ ବିଭାଗ ବିଜ୍ଞପ୍ତି ନଂ.15082/D&A dtd.22.3.2011 ରେ ଉପଲବ୍ଧ ।

**ବି.ଦ୍ର.**- ଉପରୋକ୍ତ ନିଯୁକ୍ତି ବିଜ୍ଞାପନ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ୱେବ ସାଇଟ୍ www.bpspaorissa.gov.in ରେ ଉପଲବ୍ଧ ହେବ ।

**ଅଧ୍ୟକ୍ଷ,**
**ରାଜ୍ୟ ସିଲେକ୍ସନ ବୋର୍ଡ,**
**ଓଡିଶା ପୋଲିସ, କଟକ**